# ଓଡିଶା ଜଳବାୟୁ ସମ୍ବେଦନଶୀଳ କୃଷି ନିମନ୍ତେ ସମନ୍ୱିତ ଜଳସେଚନ ପ୍ରକଳ୍ପ

******

ଆଧିକାରିକ ସାରାଂଶ

ଓଡ଼ିଶାରେ କୃଷିର ଅପେକ୍ଷାକୃତ କମ ଅଭିବୃଦ୍ଧି ଯୋଗୁଁ ରାଜ୍ୟର ଦୀର୍ଘମିଆଦୀ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରାଯାଇପାରି ନାହିଁ| ବିଶେଷ କରି ଗ୍ରାମାଞ୍ଚଳରେ, ଯେଉଁଠି ରାଜ୍ୟର ଶତକଡା ୮୦ ଭାଗ ଗରିବ ଲୋକ ବାସ କରନ୍ତି, ସେଠାରେ କୁପୋଷଣ ଏବଂ ଦାରିଦ୍ର୍ୟତା କମାଇବାରେ କୃଷିର ଅଭିବୃଦ୍ଧି ସମ୍ୟକ ଯୋଗଦାନ କରିବ| ଭଗ୍ନପ୍ରାୟ ଜଳସେଚନ ପ୍ରକଳ୍ପ, ଜଳର ଅସନ୍ତୁଳିତ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରାଜ୍ୟରେ କୃଷିର ଅଭିବୃଦ୍ଧିକୁ ପ୍ରତିହତ କରୁଛି| ଏହି ଦୃଷ୍ଟିକୋଣରୁ କୃଷି କ୍ଷେତ୍ରର ଉତ୍ପାଦିକା ଶକ୍ତି ବୃଦ୍ଧି ଏବଂ ଅବିରତ ପାରିବାରିକ ଆୟ ବୃଦ୍ଧି ନିମନ୍ତେ ଓଡିଶା ସରକାର ବିଶ୍ୱ ବ୍ୟାଙ୍କ ସହାୟତାରେ “ଓଡିଶା ଗୋଷ୍ଠୀ ଜଳାଶୟ ଉନ୍ନତି ଏବଂ ପରିଚାଳନା ସମିତି” (OCTDMS-Odisha Community Tank Development and Management Society) ମାଧ୍ୟମରେ "ଓଡିଶା ଜଳବାୟୁ ସମ୍ବେଦନଶୀଳ କୃଷି ନିମନ୍ତେ ସମନ୍ୱିତ ଜଳସେଚନ ପ୍ରକଳ୍ପ" (OIIPCRA-Odisha Integrated Irrigation Project for Climate Resilient Agriculture) କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି|

ଏହି ପ୍ରକଳ୍ପ ମାଧ୍ୟମରେ ୫୩୮ ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ଥଇଥାନ କରାଯାଇ (ପ୍ରକଳ୍ପ ଏବଂ କେନାଲ ଓ ବନ୍ଧ ମରାମତି) ଆଧୁନିକ ଜଳସେଚନ ପ୍ରଣାଳୀରେ ଜଳଯୋଗାଣ ସହ ଜଳବାୟୁ ସହନଶୀଳ କୃଷି ଏବଂ ଉଦ୍ୟାନ କୃଷିକୁ ପ୍ରୋତ୍ସାହନ ଦିଆଯିବ| ଏହି ପ୍ରକଳ୍ପ ଜଳସମ୍ପଦ ବିଭାଗ, କୃଷି ଓ କୃଷକ ସଶକ୍ତି କରଣ ବିଭାଗ, ଉଦ୍ୟାନ କୃଷି ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ରାଜ୍ୟ କୃଷି ବିପଣନ ମଣ୍ଡଳ(OSAMB) ଏବଂ ପଞ୍ଚାୟତିରାଜ ବିଭାଗର ମିଳିତ ସହଯୋଗରେ ୭ ବର୍ଷ ଅବଧିରେ ରାଜ୍ୟର ୧୫ ଗୋଟି ଜିଲ୍ଲାର ୯୮ ଗୋଟି ବ୍ଲକରେ OCTDMS ମାଧ୍ୟମରେ କାର୍ଯ୍ୟକାରୀ କରାଯିବ |

ରାଜ୍ୟ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ| ଏହି ପ୍ରକଳ୍ପର ମୁଖ୍ୟ ବିନ୍ୟାସ ନିମ୍ନମତେ ପ୍ରଦାନ କରାଗଲା|

୧.୧ ଜଳବାୟୁ ସହନଶୀଳ ସଘନ କୃଷି ଏବଂ ବିବିଧି କରଣ ବ୍ୟବସ୍ଥା

୧.୨ ମତ୍ସ୍ୟ ଉତ୍ପାଦନ ଅଭିବୃଦ୍ଧି ପାଇଁ ସହାୟତା

୧.୩ କୃଷିର ବିବିଧି କରଣ ଏବଂ ଉତ୍ପାଦର ବ୍ୟବସାୟୀକରଣ (ଓଡିଶା ରାଜ୍ୟ କୃଷି ବିପଣନ ମଣ୍ଡଳ (OSAMB) ଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି କାର୍ଯ୍ୟ ସମ୍ପାଦନ କରାଯିବ)

୨.୦ ଜଳ ସେଚନ ବ୍ୟବସ୍ଥାର ସୁଦୃଢ଼ୀକରଣ

୩.୦ ଅଗ୍ରଣୀ ଚାଷୀ, କୃଷି ଉଦ୍ୟମୀ, ଜଳ ସେଚନ କର୍ମଚାରୀ ଏବଂ ଅନ୍ୟମାନଙ୍କ ଦକ୍ଷତା ବୃଦ୍ଧି

୪.୦ ପ୍ରକଳ୍ପ ପରିଚାଳନା

ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ଜଳସମ୍ପଦ ବିଭାଗ ଏବଂ ପଂଚାୟତିରାଜ ବିଭାଗ ନିଜ ନିଜ କ୍ଷେତ୍ରରେ ଏହି ପ୍ରକଳ୍ପ ଅନୁଗତ କାର୍ଯ୍ୟ ଗୁଡିକ ସମ୍ପାଦନ କରିବେ| ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ରାଜ୍ୟ କୃଷି ଉତ୍ପାଦନ କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେବ|

ଏହି ପ୍ରକଳ୍ପ ସମ୍ବନ୍ଧିତ ପରିବେଶ ବିପଦ ଗୁଡିକର ଚିହ୍ନଟ ତଥା ଆକଳନ ନିମନ୍ତେ ଏକ ସବିଶେଷ ଅଧ୍ୟୟନ କରାଯାଇ; କୁପ୍ରଭାବ ଗୁଡିକର ପ୍ରଶମନ ତଥା ଅନୁକୂଳ ପ୍ରଭାବ ଗୁଡ଼ିକର ବିକାଶ ପାଇଁ ଏକ ପ୍ରକଳ୍ପ ପରିବେଶ ଢାଞ୍ଚା ପ୍ରସ୍ତୁତ କରାଯାଇଅଛି |

ପରିବେଶ ମାନକ ଆକଳନ କରିବା ପାଇଁ ପ୍ରକଳ୍ପ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ମୂଳ ତଥ୍ୟ ସଂଗ୍ରହ କରାଯାଇ ବିଶ୍ଳେଷଣ କରାଯାଇଥିଲା| ଏଥି ନିମନ୍ତେ ଚାରି ଗୋଟି ନଦୀର ଅବବାହିକା ଅନ୍ତର୍ଗତ ସାତଗୋଟି କୃଷି ଜଳବାୟୁ ମଣ୍ଡଳ ଅଧୀନରେ ଥିବା ନଅଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ନମୁନା ଭାବରେ ଚୟନ କରାଯାଇଥିଲା| ଏହି ଅଧ୍ୟୟନରୁ ଜଣା ପଡିଥିଲା ଯେ, ଜଳଜ ଦଳ ଓ ପଟୁ ଜମିବା କାରଣରୁ ସମସ୍ତ ନମୁନା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡ଼ିକର ଜଳସେଚନ କ୍ଷମତା ହ୍ରାସ ପାଇଅଛି| ଏହି ପରିବେଶ ଢାଞ୍ଚା ପ୍ରସ୍ତୁତି ନିମନ୍ତେ ଗୋଷ୍ଠୀ ଅନୁଷ୍ଠାନ ଯଥା ପାଣି ପଂଚାୟତ, କୃଷି ଉତ୍ପାଦକ ଅନୁଷ୍ଠାନ, ମହିଳା ଗୋଷ୍ଠୀ ଓ ମତ୍ସ୍ୟଜୀବୀ ମାନଙ୍କ ସହିତ ନଅଗୋଟି ନମୁନା ପ୍ରକଳ୍ପ ଅଂଚଳରେ ପରାମର୍ଶ ଓ ଆଲୋଚନା କରାଯାଇଥିଲା| ଏତଦଭିନ୍ନ, ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଯଥା ରାଜ୍ୟ ସରକାରଙ୍କ କ୍ଷୁଦ୍ର ଜଳସେଚନ, କୃଷି ଓ କୃଷକ ସଶକ୍ତି କରଣ, ଉଦ୍ୟାନ କୃଷି, ଜଙ୍ଗଲ ଓ ବନ୍ଧ ନିରାପତ୍ତା ଭଳି ବିଭାଗର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରାଯାଇଥିଲା |

ପ୍ରକଳ୍ପ ଅନୁଦିତ କାର୍ଯ୍ୟକ୍ରମ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଗୁଡ଼ିକ ହେଉଛି: କ୍ରମବର୍ଦ୍ଧିଷ୍ଣୁ କୀଟନାଶକ ଓ ସାର ପ୍ରୟୋଗ  ବନ୍ଧ ଗୁଡିକର ସୁରକ୍ଷା ସୁନିଶ୍ଚିତ କରିବା, ମତ୍ସ୍ୟଚାଷ ଜନିତ ଜଳର ମାନ ଉପରେ ହେଉଥିବା ପ୍ରଭାବ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକର ପୁନର୍ବିନ୍ୟାସ ଓ ନଳକୂପ ଖନନ ଜନିତ ବାହାରୁଥିବା ମାଟିର ଉପଯୁକ୍ତ ସଞ୍ଚାଳନ, ଲୁପ୍ତ ଓ ନିର୍ମାଣ ଉଦ୍‌ବୃତ୍ତ ବାଲି, ଗୋଡି, ପଥର, କାଠଖଣ୍ଡ ଓ ପ୍ଲାଷ୍ଟିକ ଭଳି ବର୍ଜ୍ୟ ବସ୍ତୁର ସଞ୍ଚାଳନ, ସମ୍ବେଦନଶୀଳ ଅନୁଷ୍ଠାନ ଯଥା ବିଦ୍ୟାଳୟ, ସ୍ୱାସ୍ଥ୍ୟସେବା କେନ୍ଦ୍ର ଉପରେ ସମ୍ଭାବିତ ଧୂଳି ଓ ଶବ୍ଦ ପ୍ରଦୂଷଣ, ମତ୍ସ୍ୟ ପ୍ରକ୍ରିୟାକରଣ, ଖାଦ୍ୟବର୍ଜ୍ୟ, ଅବ୍ୟବସ୍ଥିତ ଦଳ ଏକତ୍ରୀକରଣ ଦ୍ୱାରା ସମ୍ଭାବିତ ଦୁର୍ଗନ୍ଧ ଏବଂ ଜଳସେଚନ କାର୍ଯ୍ୟରେ ନିୟୋଜିତ ଲୋକମାନଙ୍କ ଉପରେ ସମ୍ଭାବିତ ସ୍ୱାସ୍ଥ୍ୟଗତ ପ୍ରଭାବ|

ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଜଳାଶୟଗୁଡିକର ଥଇଥାନ ଏବଂ ଜଳସେଚନର ଆଧୁନିକୀକରଣ ଏବଂ ଏଥିନିମନ୍ତେ ସମସ୍ତ କାର୍ଯ୍ୟକ୍ରମକୁ ସଂକ୍ଷିପ୍ତ ଓ ସ୍ଥାନୀୟ ଅଂଚଳ ମଧ୍ୟରେ ସୀମିତ ରଖିବା, ପ୍ରଶମନ ଉପାୟ ଗୁଡିକର ସୁପରିଚାଳନା, ଉତ୍‌କୃଷ୍ଟ ଯାନ୍ତ୍ରିକୀ ନକ୍ସାର ବ୍ୟବହାର ଏବଂ ସର୍ବୋପରି ଉତ୍ତମ ନିର୍ମାଣ ପରିଚାଳନା ଦ୍ୱାରା କାର୍ଯ୍ୟକାରୀ କରାଯିବା| ଉକ୍ତ ପରିବେଶ ଢାଞ୍ଚା ପ୍ରସ୍ତୁତିର ଅନ୍ୟ ଏକ ଦିଗ ଭାବେ ସୁରକ୍ଷା ବିଷୟବସ୍ତୁ ଓ ଏହାର ପ୍ରଭାବ ଗୁଡିକର ସବିଶେଷ ଅନୁଶୀଳନ କରାଯାଉଅଛି| ଏହି ଅନୁଧାନରୁ କୌଣସି ଆଖିଦୃଶିଆ ବୃହତ, ନିର୍ଦ୍ଦିଷ୍ଟ ଓ ଅପରିବର୍ତ୍ତନୀୟ ପ୍ରଭାବ ପଡୁଥିବା ପରିଲକ୍ଷିତ ହୋଇନାହିଁ | ପ୍ରାକୃତିକ ପରିବେଶ, ସଜୀବ ଓ ସାଂସ୍କୃତିକ ସମ୍ବଳ ଏବଂ ପରିବେଶ ସଂବେଦି ଅନୁଷ୍ଠାନ ଉପରେ କୁପ୍ରଭାବ ପକାଉଥିବା ସମସ୍ତ ସମ୍ଭାବିତ କାର୍ଯ୍ୟକ୍ରମର ବିଶଦ ଅନୁଶୀଳନ ନିମନ୍ତେ ପ୍ରକଳ୍ପ ସମସ୍ତ ପଦକ୍ଷେପ ନେବ |

ବନ୍ଧସୁରକ୍ଷା, ଅନିଷ୍ଟକର କୀଟ ଏବଂ ଖାଦ୍ୟସାର ପରିଚାଳନା, ନିର୍ମାଣ, ମତ୍ସ୍ୟଚାଷ ଏବଂ ତତସମ୍ବନ୍ଧୀୟ ସଂଘାତର ସୁପରିଚାଳନା ନିମନ୍ତେ ପରିବେଶ ପରିଚାଳନା ପଦ୍ଧତିକୁ ପ୍ରସ୍ତୁତ କରାଯାଇଅଛି| ରାଜ୍ୟର ନିଜର ଏକ ପ୍ରଭାବୀ ବନ୍ଧସୁରକ୍ଷା କାର୍ଯ୍ୟକାରୀ ଢାଞ୍ଚା ରହିଛି ଯାହାକୁ OIIPCRA ପ୍ରକଳ୍ପ ଗୁଡିକ ମଧ୍ୟରୁ ବନ୍ଧ ଉଚ୍ଚତା ୧୦ (ଦଶ) ମିଟରରୁ ଅଧିକ ଥିବା ୧୩ ଗୋଟି ପ୍ରକଳ୍ପର ସୁରକ୍ଷା ଯାଞ୍ଚ ବ୍ୟବସ୍ଥା ପାଇଁ ଦାୟିତ୍ୱ ପ୍ରଦାନ କରାଯିବ| ପରିବେଶର ପ୍ରତିକୂଳ ସମସ୍ୟା ଯଥା ପଟୁମାଟି ନିଷ୍କାସନ, ଜଙ୍ଗଲୀ ଗୁଳ୍ମ ନିବାରଣ, ନିର୍ମାଣ ଓ ମରାମତି ଜନିତ ବର୍ଜ୍ୟବସ୍ତୁ ଅପସାରଣ ଓ ପୁନଃବସତି ପାଇଁ ନିର୍ମାଣ ସମ୍ବନ୍ଧୀୟ ପରିବେଶ ପରିଚାଳନା ନକ୍ସା EMP (Environment Management Plan) ପ୍ରସ୍ତୁତ କରାଯାଇଅଛି| ଚାଷୀସମୂହ, ପାଣିପଞ୍ଚାୟତ ସଦସ୍ୟ, ସ୍ୱୟଂସହାୟକ ଗୋଷ୍ଠୀ, ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ଇତ୍ୟାଦିର ସଦସ୍ୟମାନଙ୍କୁ ସମନ୍ୱିତ କୀଟ ଓ ଖାଦ୍ୟ ସାର ସନ୍ତୁଳନ ପଦ୍ଧତି, ପୋଷଣୀୟ ଜଳବାୟୁ ସମ୍ବେଦନଶୀଳ ଚାଷପଦ୍ଧତି ଓ ମତ୍ସ୍ୟଚାଷ ପଦ୍ଧତି ଅବଲମ୍ବନ ପାଇଁ ସବିଶେଷ ତାଲିମ ଦିଆଯିବ|

ଜଳସମ୍ପଦ ବିଭାଗ ଅଧୀନରେ କାର୍ଯ୍ୟକରୁଥିବା ରାଜ୍ୟ ପ୍ରକଳ୍ପ ପରିଚାଳନା ସଂସ୍ଥା(SPMU), ଏହିସବୁ ଦୈନନ୍ଦିନ କାର୍ଯ୍ୟକ୍ରମ ସମ୍ପାଦନ ଏବଂ ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବାର ଦାୟିତ୍ୱରେ ରହିବେ| ଏହି ପ୍ରକଳ୍ପର ମୁଖ୍ୟ ଭାବେ ଜଣେ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଅନ୍ୟ ବିଶେଷଜ୍ଞ ଯଥା Procurement, ଆର୍ଥିକ ପରିଚାଳନା, ପରିବେଶ ଏବଂ ସାମାଜିକ ସୁରକ୍ଷା, ଯାଞ୍ଚ ଓ ମୂଲ୍ୟାୟନ, କୃଷି ଓ ମତ୍ସ୍ୟପାଳନ ଆଦି ବୈଷୟିକ ଦକ୍ଷତାପନ୍ନ ଅଧିକାରୀଙ୍କ ସହଯୋଗରେ ପ୍ରକଳ୍ପର ଫଳପ୍ରଦ ସଂଯୋଜନା ପାଇଁ କାର୍ଯ୍ୟ କରିବେ |

ଜିଲ୍ଲା ସ୍ତରରେ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ, କୃଷିବୈଷୟିକ ପରିଚାଳନା ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଉଦ୍ୟାନକୃଷି ଉପ-ନିର୍ଦ୍ଦେଶକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଓ ପଂଚାୟତିରାଜ ନିର୍ବାହୀ ଯନ୍ତ୍ରୀ ଇତ୍ୟାଦିଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ପରିଚାଳନା ଦଳ (DLPMT) ରହିବ| କୃଷି ଉତ୍ପାଦନ କମିଶନର ଏହି ଆନ୍ତଃ-ବିଭାଗୀୟ ସମନ୍ୱୟ ଓ କାର୍ଯ୍ୟପ୍ରଣାଳୀ ଏକୀକରଣ ଏବଂ ଆୟ-ବ୍ୟୟ କାର୍ଯ୍ୟାନ୍ୱୟନର ଫଳପ୍ରଦ ତଦାରଖ କାର୍ଯ୍ୟ କରିବେ| ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ପରିଚାଳନା ଦଳ କାର୍ଯ୍ୟ କରିବେ| ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ DLPMT ନିୟମିତ ଭାବେ ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ କରି ଜିଲ୍ଲାସ୍ତରରେ ସଫଳରୂପାୟନ ପାଇଁ କାର୍ଯ୍ୟକରିବ|

ରାଜ୍ୟ ସ୍ତରରେ, ଜଳସମ୍ପଦ ବିଭାଗ, ଅର୍ଥ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ପଞ୍ଚାୟତିରାଜ ବିଭାଗ ଓ ରାଜ୍ୟ କୃଷି ବିପଣନ ବୋର୍ଡ(OSAMB) ଶାସନ ସଚିବ ମାନଙ୍କୁ ନେଇ ରାଜ୍ୟ ମୁଖ୍ୟ ଶାସନସଚିବଙ୍କ ଅଧକ୍ଷତାରେ ଏକ ପ୍ରକଳ୍ପ ଶୀର୍ଷ କମିଟି ରହିବ| ଏହି କମିଟି ସାମଗ୍ରିକଭାବେ ପ୍ରକଳ୍ପର ସଫଳରୂପାୟନ ପାଇଁ ବିଶେଷ ନୀତିନିର୍ଦ୍ଧାରଣ ଏବଂ ବାର୍ଷିକ ବ୍ୟୟ ଅଟକଳ ଅନୁମୋଦନ କରିବ| ଏହି କମିଟି ପ୍ରକଳ୍ପର ପ୍ରଗତି ଅନୁଧ୍ୟାନ ପାଇଁ ବର୍ଷକୁ ଅତିକମରେ ଦୁଇଥର ଆହୂତ କରାଯିବ |

ପ୍ରକଳ୍ପ ଅନ୍ତର୍ଗତ ପ୍ରଶମନ ବ୍ୟବସ୍ଥା, ଦକ୍ଷତା ବୃଦ୍ଧି, ପ୍ରକଳ୍ପ ପରିଚାଳନା ଏବଂ ତତସମ୍ବନ୍ଧୀୟ ବିବରଣୀ ପ୍ରସ୍ତୁତି ସହିତ ସମୟ ସମୟରେ ପ୍ରକଳ୍ପ କାର୍ଯ୍ୟଗୁଡିକର ମୂଲ୍ୟାୟନ ନିମନ୍ତେ ଆବଶ୍ୟକୀୟ ବ୍ୟୟ ବରାଦ ପରିବେଶ ପରିଚାଳନା ଢାଞ୍ଚାରେ ରଖା ଯାଇଅଛି |

ରାଜ୍ୟ ପ୍ରକଳ୍ପ ପରିଚାଳନା ସଂସ୍ଥାର ପରିବେଶ ବିଶେଷଜ୍ଞ, ଅନ୍ୟ ବିଶେଷଜ୍ଞ ମାନଙ୍କ ସହାୟତାରେ ବିଭିନ୍ନ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମର ସୁପରିଚାଳନା ସହିତ ବିବରଣୀ ପ୍ରସ୍ତୁତ କରିବେ| ଏଥିସହିତ ଜିଲ୍ଲା ସ୍ତରରେ ସଂଯୋଜକ ଅଧିକାରୀ ମାନେ ରାଜ୍ୟ ପ୍ରକଳ୍ପ ପରିଚାଳନା ସଂସ୍ଥାର ପରିବେଶ ବିଶେଷଜ୍ଞ ଏବଂ ଅନ୍ୟ ବିଶେଷଜ୍ଞ ମାନଙ୍କ ସହାୟତାରେ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ ଏବଂ ବିବରଣୀ ପ୍ରସ୍ତୁତ କରିବେ| ବାହାରୁ ନିଯୁକ୍ତି ପାଇଥିବା ତଦାରଖ ଏବଂ ମୂଲ୍ୟାୟନ ସଂସ୍ଥା ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରିବେ ଏବଂ ତ୍ରୈମାସିକ ଭାବରେ ବିବରଣୀ ପ୍ରସ୍ତୁତ କରିବେ| ଏହି ସଂସ୍ଥା, ପ୍ରକଳ୍ପ କାର୍ଯ୍ୟଗୁଡିକର ମଧ୍ୟବର୍ତ୍ତୀ ଏବଂ ପରିଶେଷ ମୂଲ୍ୟାୟନ ସହିତ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ରକ୍ଷା କରିବା ଦିଗରେ ଦାୟିତ୍ୱବାନ ରହିବେ| ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମରେ, ପ୍ରକଳ୍ପରେ କାର୍ଯ୍ୟ କରୁଥିବା ସମସ୍ତ ସଂସ୍ଥା ମାନଙ୍କୁ ଫଳପ୍ରଦ ପରିବେଶ ପରିଚାଳନା, ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ରକ୍ଷା ଦିଗରେ ଏବଂ ପରିବେଶ ପରିଚାଳନା ଢାଞ୍ଚାର ପ୍ରକୃତ ରୂପାୟନ ନିମନ୍ତେ ସମସ୍ତ ପ୍ରକାର ସହାୟତା କରାଯିବ |

********